# “ଜଣେ ସାଙ୍ଗ ସହିତ ସ୍ତ୍ରୀର ଅନୈତିକ ସମ୍ପର୍କ ହୋଇଗଲା” !

ମୋର ନାମ ଧନଞ୍ଜୟ ଖଟୁଆ (ଛଦ୍ମନାମ) । ଘର ବିନ୍ଝାରପୁର ଥାନା ଯାଜପୁର ଜିଲ୍ଲାରେ । ବାପା ହାଇସ୍କୁଲ୍‌ରେ ଶିକ୍ଷକତା କରୁଥିଲେ । ଆମେ ଦୁଇ ଭାଇ ଅଟୁ । ମୁଁ ଭୁବନେଶ୍ୱରରେ ଏକ ତାରକା ହୋଟେଲ୍‌ରେ କାର୍ଯ୍ୟ କରୁଥିଲି । ଏହି ସମୟରେ ବାପା ଯାଜପୁର ଟାଉନ୍‌ରେ ଏକ ଘର ମଧ କରିଥିଲେ । ଯାଜପୁରର କଲେଜ୍‌ରେ ପଢୁଥିବା ପରିମିତାଙ୍କ ସହିତ ମୋର ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା । ଆମେ ଦୀର୍ଘଦିନ ଧରି ଶାରିରୀକ ସମ୍ପର୍କରେ ଥିଲୁ । ବିବାହ କଥା କହିବାରୁ, ଯେହେତୁ ଆମର ଜାତି ଅଲଗା ଥିଲା ପରିବାର ଲୋକମାନେ ଆମ ବିବାହକୁ ସମ୍ମତି ପ୍ରଦାନ କରିବାକୁ ଅନିଛା ପ୍ରକାଶ କଲେ । ମାତ୍ର ଆମ ଉଭୟଙ୍କ ମଧରେ ଆଲୋଚନା ହେବା ପରେ ଏହି ସିଧାନ୍ତରେ ଉପନିତ ହେଲୁ ଯେ, କେହି ଆମେ କାହାକୁ ଛାଡ଼ି ରହିପାରିବୁ ନାହିଁ । ବାଧ ହୋଇ ଘରୁ ଲୁଚିକି ପଳାଇଲୁ, ଯାଇ ତା-୦୬-୧୨-୨୦୦୯ରିଖ ଦିନ ଓକିଲଙ୍କ ପରାମର୍ଶ କ୍ରମେ ବିବାହ ପଞ୍ଜିକରଣ କରାଇଲୁ । ଏହା ପରେ ସାଙ୍ଗ ହୋଇ ରହିଲୁ । ୨୦୦୭ ମସିହାରେ ବାପା ଆରପାରିକୁ ଚାଲିଯାଇଥିଲେ । ଥଇଥାନ ଯୋଜନା ଅନୁସାରେ ତାଙ୍କ ଚାକିରୀଟି ମୋତେ ମିଳିଲା । ଏହାପରେ ବାପା ତିଆରି କରିଥିବା ଯାଜପୁର ଟାଉନ୍‌ଠାରେ ଥିବା ଘରେ ମୁଁ ଯାଇ ରହିଲି । ପ୍ରଥମତଃ ମୋ ସ୍ତ୍ରୀ କିଛି କହିଲେ ନାହିଁ । ପରିବାର ସହ ଭଲରେ ଚଳିଲେ । ପରେ କିନ୍ତୁ କହିଲେ, ଉକ୍ତ ଘରୁ ମା ଓ ଭାଇଙ୍କୁ ତଡ଼ି ଦେବାପାଇଁ । ଯାହା ମୋ ପକ୍ଷରେ ଅସମ୍ଭବ ଥିଲା । ବାଧ ହୋଇ ମା ସହ କଥାବାର୍ତ୍ତା ହୋଇ ସ୍ତ୍ରୀ ଆଗରେ ମାଙ୍କୁ ମିଛରେ ମିଛରେ ଗାଳିଗୁଲଜ କଲି । ଏହି ସମୟରେ ମୋ ସ୍ତ୍ରୀ ମୋତେ କେଉଁଭଳି ନିର୍ଯାତନା ଦିଏ, ତାହା କହିବା କଷ୍ଟଦାୟକ । ରାତିରେ ଶୋଇବା ସମୟରେ ଶାରିରୀକ ସମ୍ପର୍କ ରଖିବା ପାଇଁ ମୋତେ କହିବ, ଠିକ୍ ମୁଁ ଇଛା ପ୍ରକାଶ କରିବା ସମୟରେ ମୋବାଇଲ୍‌ଟିକୁ ମୋ ହାତରେ ଦେଇ କହିବ, ପ୍ରଥମେ ତୁମର ଭାଗ ଦାବି କର ତାପରେ ଯାଇ ଶାରିରୀକ ସମ୍ପର୍କ ରଖିବ । ଏହା ବାସ୍ତବରେ କେତେଯେ, କଷ୍ଟ ଦାୟକ ତାହା ସମସ୍ତେ ଅନୁଭବ କରିପାରୁଥିବେ । ବାରମ୍ବାର ଏଭଳି “ଭାଇଭାଗ” ପାଇଁ ଫୋନ୍ କରିବା ଦ୍ୱାରା ପରିବାରର ଲୋକମାନେ ମୋଠାରୁ ଦୂରେଇ ଗଲେ । ମା ଏବଂ ଭାଇ ଗାଁକୁ ପଳାଇଗଲେ । ଘରେ ସ୍ତ୍ରୀ ମୋର ନିଜେ ରୋଷେଇ କରି ଖାଇ ଦେବ, ମାତ୍ର ଭାଗ ଆଣିଲେ ମୋ ଉପରେ ସ୍ତ୍ରୀର ଅଧିକାର ସାବସ୍ତ୍ୟ କରିବ ବୋଲି ମୋତେ ଉପାସ ରଖାଇବ । ମୁଁ ସ୍କୁଲ୍‌କୁ ୯ଟା ଠାରୁ ୫ ପର୍ଯ୍ୟନ୍ତ ଯାଏ । ଏହି ସମୟରେ ମୋର “ଜଣେ ସାଙ୍ଗ ସହିତ ସ୍ତ୍ରୀର ଅନୈତିକ ସମ୍ପର୍କ ହୋଇଗଲା” । ସାହି ପଡ଼ିଶାଙ୍କଠାରୁ ଏକଥା ଶୁଣିବା ପରେ ମୋ ସାଙ୍ଗକୁ ଘରକୁ ଆସିବାକୁ ବାରଣ କରିବାରୁ ଉଭୟେ ମିଶି ମୋତେ ମାଡ଼ ମାରିଲେ । କଥା ଯାଜପୁର ଟାଉନ୍ ଥାନା ପର୍ଯ୍ୟନ୍ତ ଗଲା । ଥାନାଧିକାରୀ ସବୁ କଥା ଶୁଣିବା ପରେ ଆପୋଷ ବୁଝାମଣା କରି ଘରକୁ ପଠାଇଦେଲେ । ଇତି ମଧରେ ଆମର ଚାରି ବର୍ଷର ଏକ ପୁତ୍ର ସନ୍ତାନ ରହିଛି । ଜଗାରଖା ହେବା ଦ୍ୱାରା ମୋର ସ୍ତ୍ରୀ ଗତ ତା- ୦୧-୧୨-୨୦୧୫ରିଖ ଦିନ ବାପଘରକୁ ବୁଲିବାକୁ ଯାଉଛି ବୋଲି କହି ଆଉ ଆସୁନାହାଁନ୍ତି । ବାରମ୍ବାର ଡାକିବାକୁ ଯିବାରୁ ସେ ଆସି ଓଡ଼ିଶା ରଜ୍ୟ ମହିଳା କମିଶନ ଆଗରେ ମୁଁ ତାଙ୍କୁ ନିର୍ଯାତନା ଦେଉଛି ବୋଲି କହି ଏକ ମାମଲା ରୁଜୁ କରିଛନ୍ତି । ଯାହା ସମ୍ପୂର୍ଣ୍ଣ ମିଛ ହୋଇଥିଲା ବେଳେ ମୁଁ ନିରୁପାୟ ହୋଇ ପଡ଼ିଛି । ପୁରୁଷଙ୍କର ସୁରକ୍ଷା ପାଇଁ ଭାରତ ବର୍ଷରେ କୌଣସି ଆଇନ୍‌ର ବ୍ୟବସ୍ଥା ନଥିବାରୁ ମୁଁ ଆଜି ହନ୍ତସନ୍ତ ହେଉଛି । ମୋର ବି ବଞ୍ଚିବାର ଅଧିକାର ରହିଛି । ମୋତେ ମଧ ନ୍ୟାୟ ଦରକାର...........

ବ୍ୟୋମକେଶ ତ୍ରିପାଠୀ (ଆଇନ୍‌ଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।